<u>ଜିଲ୍ଲା ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ।</u>

<u>୫୪ ଟି ପ୍ରକଳ୍ପ ପ୍ରଦର୍ଶିତ ।</u>

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ପ୍ରଦର୍ଶନୀ ଆଜି ପୂର୍ବାହ୍ନରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଜ୍ଞାନ ଓ ଖେଳଣା ତଥା ବିଜ୍ଞାନ ଭିତ୍ତିକ ସମାଧାନକୁ ନେଇ ଛାତ୍ର ଜୀବନର ଆହ୍ୱାନ ଶିର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ ।






ପ୍ରଦର୍ଶନୀ ମାଧ୍ୟମରେ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଥିବା ସୃଜନଶୀଳ ଜ୍ଞାନର ପରିପ୍ରକାଶ ହେବା ସହିତ ବୈଷୟିକ ଜ୍ଞାନ ଆହରଣ କରିବାର ମୁଖ୍ୟ ମାଧ୍ୟମ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବିଜ୍ଞାନକୁ ଭଲ ଭାବରେ ପଢି ଏହାକୁ ଉପଲବ୍ଧି କରି ଏହାର ସୁ ପ୍ରଭାବ କିପରି ସମାଜ ଉପରେ ପଡିବ ସେ ସମ୍ପର୍କିତ ପ୍ରକଳ୍ପ ପ୍ରସ୍ତୁତ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପିଲାମାନେ ବୈଷୟିକ ସମସ୍ୟାର ଚେଷ୍ଟା କରିବା ହିଁ ବିଜ୍ଞାନ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବିଜ୍ଞାନ ପ୍ରତି ସମସ୍ତଂକର ଜିଜ୍ଞାସା ରଖିବା ପାଇଁ ସେ ଆହ୍ୱାନ କରିଥିଲେ । ଜିଲ୍ଲାପାଳ ବିଜ୍ଞାନର ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାର ପ୍ରତିଶୃତି ଦେବା ସହ ପିଲାମାନଂକୁ ଉତ୍ସାହିତ କରିଥିଲେ । ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ଶ୍ରୀ ବସନ୍ତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଲାମାନଂକ ଠାରେ ବୈଜ୍ଞାନିକ ମନୋଭାବର ବୃଦ୍ଧି କରିବା ପାଇଁ ସର୍ବଦା ଚିନ୍ତା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବିଜ୍ଞାନ ମାନବ ସଭ୍ୟତାର ଚିରନ୍ତନ ସାଥି ହେବା ସହ ଆସନ୍ତା ୨୦୫୦ ମସିହା ନିମନ୍ତେ କଣ ସବୁ ଆହ୍ୱାନ ରହିବ ତା ଉପରେ ସେ ଆଲୋକପାତ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଂଜନ ସାହୁ ଆୟୋଜିତ ସଭାରେ ସଭାପତିତ୍ୱ କରି ବିଜ୍ଞାନର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବାରିକ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଯାପନି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀଂକ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁନି କୁନି ବୈଜ୍ଞାନିକମାନଂକ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ପ୍ରତି ସେ ଅନୁପ୍ରାଣିତ ହେବା ସହ ପିତା ମାତା ଓ ତାଂକର ପିଲାମାନଂକର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ପ୍ରକଳ୍ପରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ ସୃଜନଶୀଳ କାର୍ଯ୍ୟ ଉଚ୍ଚକୋଟିର ଥିଲା ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ମୁଖ୍ୟ ଡ. ନିଳାଚଳ ପଟେଲ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନକୁ ପଢିବା,ବୁଝିବା ଓ ଭଲ ପାଇବା ସମ୍ପର୍କରେ ବୁଝାଇଥିଲେ । ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରୁଚିସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଜ୍ଞାନ ମେଳାରେ ୮ଟି ବ୍ଲକରୁ ୪୮ଟି ପ୍ରକଳ୍ପ ଓ ୬ଟି ବିଷୟବସ୍ତୁ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଇକୋ ଫ୍ରେଣ୍ଡଲି କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ହିତେଶ ବେହେରା,ସ୍ୱାସ୍ଥ୍ୟ ଓ ପରିଛନ୍ନତା କ୍ଷେତ୍ରରେ କୁଇଓ ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ସୌରଭ ଶୁଭମ୍ ପ୍ରଧାନ, ସଫଟ୍ୱେୟାର ଏବଂ ଆପ୍ କ୍ଷେତ୍ରରେ ପାଳଲହଡା ମହତାବ ଉଚ୍ଚ ବିଦ୍ୟାଳୟର

ଶ୍ରୀ ଲୋକେଶ କୁମାର ସାହୁ , ପରିବହନ କ୍ଷେତ୍ରରେ  ଜନତା ଉଚ୍ଚ ବିଦ୍ୟାଳୟ  ଗଡତରାସର ଐଁନେସା କିରଣ, ପରିବେଶ ଓ ପାଣିପାଗ କ୍ଷେତ୍ରରେ ପରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଜଲକ୍ଷ୍ମୀ ପାତ୍ର ,ଗଣିତ କ୍ଷେତ୍ରରେ  ଖଲାରୀ ଉଚ୍ଚ ବିଦ୍ୟାଳୟର ଶୁଭାଙ୍ଗିତ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହ ପ୍ରମାଣ ପତ୍ର ମୁଖ୍ୟ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଲକ୍ଷ୍ମଣ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ  ସମସ୍ତ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା  । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଅଭିଭାବକ ଓ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

